# NATIONAL NEWS BULLETIN (ODIA)

## 3 May - 2025

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଭାରତ ଏବଂ ଆଙ୍ଗୋଲା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ।
- ଆଙ୍ଗୋଲା ସେନାର ଆଧୁନିକୀକରଣ ପାଇଁ ପ୍ରତିରକ୍ଷା କ୍ରେଡିଟ୍ ଲାଇନ୍ ଅନୁମୋଦନ କଲା ଭାରତ ।
- ନ୍ୟାୟ ପ୍ରଦାନରେ ମଧ୍ୟସ୍ଥତା ଏକ ଆବଶ୍ୟକୀୟ ଅଂଶ, କହିଲେ ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ମଧ୍ୟରେ ମୁକାବିଲା ।

# ଏମ୍ଇଏ-ଆଙ୍ଗୋଲା ପ୍ରେସ୍ ଭିଜିଟ୍

ଭାରତ ଏବଂ ଆଙ୍ଗୋଲା ମଧ୍ୟରେ ଆଜି କୃଷି ପାରମ୍ପରିକ ଔଷଧ ଏବଂ ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରେ ଏକାଧିକ ବୁଝାମଣାପତ୍ରରେ ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଙ୍ଗୋଲା ରାଷ୍ଟ୍ରପତି ଜୋଆଓ ମାନୁଏଲ୍ ଗନ୍‌କାଲଭସ୍ ଲୋରେନ୍‌କୋଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ଦାମୁ ରବି କହିଛନ୍ତି, ପ୍ରତିରକ୍ଷା ସହଯୋଗର ଅନ୍ୟ ଏକ କ୍ଷେତ୍ର । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଆଙ୍ଗୋଲାକୁ ଭାରତୀୟ ମୁଦ୍ରାର ୨୦୦ ନିୟୁତ ଡଲାର ମୂଲ୍ୟର ପ୍ରତିରକ୍ଷା ସହାୟତା ପ୍ରଦାନ କରିଛନ୍ତି । ଆଙ୍ଗୋଲା ଭାରତରୁ ପ୍ରତିରକ୍ଷା ଉପକରଣ କ୍ରୟ କରିବ ବୋଲି ଶ୍ରୀ ରବି କହିଛନ୍ତି ।

ଆଙ୍ଗୋଲା ରାଷ୍ଟ୍ରପତି ଭାରତରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଦେଶବାସୀଙ୍କୁ ସମର୍ଥନ ଜଣାଇଛନ୍ତି ବୋଲି ସେ କହିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନାରେ ବର୍ତ୍ତମାନର ସମ୍ପର୍କର ଆକଳନ ସହିତ ସହଯୋଗର ନୂତନ ଏବଂ ଭବିଷ୍ୟତ କ୍ଷେତ୍ରର ଅନୁସନ୍ଧାନ ସମେତ ଅନେକ ପ୍ରସଙ୍ଗ

ଅନ୍ତର୍ଭୁକ୍ତ ରହିଛି ବୋଲି ଶ୍ରୀ ରବି କହିଛନ୍ତି । ୩୮ ବର୍ଷ ପରେ ପ୍ରଥମଥର ପାଇଁ ଆଙ୍ଗୋଲା ରାଷ୍ଟ୍ରପତି ପ୍ରତିନିଧି ମଣ୍ଡଳୀ ସହିତ ଭାରତ ଗସ୍ତରେ ଆସିଥିବା ନେଇ ସେ କହିଛନ୍ତି । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୪୦ତମ ବାର୍ଷିକୀ ଏବଂ ସ୍ୱାଧୀନତା ପରଠାରୁ ଆଙ୍ଗୋଲାର ୫୦ତମ ବାର୍ଷିକୀ ପାଳନ ଅବସରରେ ଆଙ୍ଗୋଲା ରାଷ୍ଟ୍ରପତିଙ୍କର ଭାରତ ଗସ୍ତ ଖୁବ୍ ମହତ୍ୱ ପୂର୍ଣ୍ଣ ବୋଲି ସେ କହିଛନ୍ତି । ଆଜି ସନ୍ଧ୍ୟାରେ ଆଙ୍ଗୋଲା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଏକ ନୈଶ୍ୟ ଭୋଜିର ଆୟୋଜନ କରାଯାଉଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଙ୍ଗୋଲା ରାଷ୍ଟ୍ରପତିଙ୍କୁ ଭେଟିବା ପରେ ଆତଙ୍କବାଦ ମାନବିକତା ପାଇଁ ଏକ ବଡ଼ ବିପଦ ବୋଲି ଦୋହରାଇବା ସହ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଆଙ୍ଗୋଲାର ସମବେଦନା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏ ସମ୍ପର୍କରେ ଏକ ମିଳିତ ଗଣମାଧ୍ୟମ ସମ୍ମିଳନୀରେ ବିବୃତ୍ତି ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

ଆଙ୍ଗୋଲା ସେନାର ଆଧୁନିକୀକରଣ ପାଇଁ ଭାରତ ଏକ ପ୍ରତିରକ୍ଷା କ୍ରେଡିଟ୍ ଲାଇନ୍ ଅନୁମୋଦନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଙ୍ଗୋଲା ସଶସ୍ତ୍ର ବାହିନୀର ପ୍ରଶିକ୍ଷଣରେ ସହଯୋଗ କରି ଭାରତ ଆନନ୍ଦିତ ବୋଲି ଶ୍ରୀ ମୋଦୀ ଅଭିହିତ କରିଛନ୍ତି । **V/O-PM**

ଚଳିତ ବର୍ଷ ଉଭୟ ଦେଶ ନିଜର କୂଟନୈତିକ ସମ୍ପର୍କର ୪୦ତମ ବାର୍ଷିକୀ ପାଳନ କରୁଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖୁବ୍ ପୁରୁଣା ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଫ୍ରିକୀୟ ସଂଘର ଅଧ୍ୟକ୍ଷତା ପାଇଁ ଆଙ୍ଗୋଲାକୁ ସେ ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି, ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ଆଫ୍ରିକୀୟ ସଂଘକୁ ଜି-୨୦ରେ ସ୍ଥାୟୀ ସଦସ୍ୟତା ମିଳିବା ଭାରତ ପାଇଁ ଗର୍ଵର ବିଷୟ । ଆଙ୍ଗୋଲା ରାଷ୍ଟ୍ରପତି ତିନି ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଥିଲେ । ତାଙ୍କ ସହ ସେ ଦେଶର ମନ୍ତ୍ରୀଗଣ, ବରିଷ୍ଠ ଅଧିକାରୀ, ବ୍ୟବସାୟିକ ସଂସ୍ଥା ଓ ଗଣମାଧ୍ୟମର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଏହି ଗସ୍ତରେ ଆସିଛନ୍ତି । ରାଷ୍ଟ୍ରପତି ଭବନରେ ଶ୍ରୀ ଲୁରେନକୋଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବା ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଆଙ୍ଗୋଲା ରାଷ୍ଟ୍ରପତି ଆସନ୍ତାକାଲି ନୂଆଦିଲ୍ଲୀରେ ଏକ ବ୍ୟବସାୟିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏଥିରେ ଦୁଇ ଦେଶ ମଧ୍ୟରେ ପୁଞ୍ଜିନିବେଶ ଏବଂ ବାଣିଜ୍ୟିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

## ରାଷ୍ଟ୍ରପତି-ମେଡିଟେସନ୍

ନ୍ୟାୟ ପ୍ରଦାନରେ ମଧ୍ୟସ୍ଥତା ଏକ ଆବଶ୍ୟକୀୟ ଅଂଶ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ମଧ୍ୟସ୍ଥତା କେବଳ ବିଚାରାଧୀନ ନିର୍ଦ୍ଦିଷ୍ଟ ମାମଲାରେ ନୁହେଁ ବରଂ ଅନ୍ୟ ପ୍ରସଙ୍ଗରେ ଏହା ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ମଧ୍ୟସ୍ଥତା ହିଁ ଏକ ପ୍ରମୁଖ ଉପକରଣ ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ମଧ୍ୟସ୍ଥତା ସଂଘର ଶୁଭାରମ୍ଭ କରିବା ସହ ପ୍ରଥମ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ୨୦୨୫ର ଉଦ୍‌ଘାଟନୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଆଲୋଚନା, ବୁଝାମଣା ଏବଂ ସହଯୋଗକୁ ମଧ୍ୟସ୍ଥତା ହିଁ ପ୍ରୋତ୍ସାହିତ କରିଥାଏ ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୁପ୍ରିମ୍‌କୋର୍ଟ୍‌ର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା କହିଛନ୍ତି, ଗତ ଦୁଇ ଦଶନ୍ଧି ମଧ୍ୟରେ ବିଭିନ୍ନ ବିବାଦର ସମାଧାନର ମଧ୍ୟସ୍ଥତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ୨୦୧୬ରୁ ୨୦୨୫ ପ୍ରାରମ୍ଭ ମଧ୍ୟରେ ମଧ୍ୟସ୍ଥତା ମାଧ୍ୟମରେ ୭ ଲକ୍ଷ ୫୭ ହଜାରରୁ ଅଧିକ ମାମଲାର ସମାଧାନ ହୋଇପାରିଛି ବୋଲି ସେ ସୂଚନା ଦେଇଛନ୍ତି । ଏହି ସଫଳତା ସତ୍ତ୍ୱେ ମଧ୍ୟସ୍ଥତା ଏବେବି ନିଜର ସୀମା

ଭିତରେ ରହିଯାଇଥିବାରୁ ଘର ଏବଂ ଗାଁରେ ପହଞ୍ଚି ପାରି ନାହିଁ ବୋଲି ସେ କହିଛନ୍ତି ।

ଏହି ସମ୍ମିଳନୀରେ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇ, ଆଟର୍ଣ୍ଣି ଜେନେରାଲ୍ ଆର୍. ଭେଙ୍କଟରମଣି, ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଲ୍. ମୁରୁଗାନ

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ମୁମ୍ବାଇ ଠାରେ ଅନୁଷ୍ଠିତ ୱେଭ୍ସ ଶିଖର ସମ୍ମିଳନୀରେ ଭାରତର 'ଲାଇଭ୍ ଇଭେଣ୍ଟସ୍ ଇକୋନୋମି, ଏ ଷ୍ଟ୍ରାଟେଜିକ୍ ଗ୍ରୋଥ୍ ଇମ୍ପେରେଟିଭ୍'ର ଉନ୍ମୋଚନ କରିଛନ୍ତି । ଶ୍ୱେତପତ୍ରରେ ଭାରତର ଦ୍ରୁତ ବ୍ୟାପକ ଲାଇଭ୍ ମନୋରଂଜନ ଶିଳ୍ପର ଏକ ବିସ୍ତୃତ ବିଶ୍ଳେଷଣ ଉପସ୍ଥାପନ କରାଯାଇଛି । ଯେଉଁଥିରେ ଉଦୀୟମାନ ଧାରା, ଅଭିବୃଦ୍ଧିପଥ ଏବଂ ଏହି କ୍ଷେତ୍ରର ନିରନ୍ତର ବିକାଶ ପାଇଁ ରଣନୈତିକ ସୁପାରିଶ ଉପରେ ଆଲୋକପାତ କରାଯାଇଛି । ଦେଶରେ ସଂଘଠିତ ଲାଇଭ୍ ଇଭେଣ୍ଟ ସେଗ୍‌ମେଣ୍ଟ ୧୫ ପ୍ରତିଶତ ବୃଦ୍ଧି ପାଇ ୨୦୨୪ରେ ଏହାର ଆନୁମାନିକ ରାଜସ୍ୱ ଆଦାୟ ୧୩ଶହ କୋଟି ଟଙ୍କାରେ ପହଞ୍ଚିଛି ।

ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୫ଟି ଲାଇଭ୍ ମନୋରଂଜନ ସ୍ଥାନ ମଧ୍ୟରେ ଭାରତ ନିଜର ସ୍ଥିତି ଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଲାଇଭ୍ ମ୍ୟୁଜିକ୍ ଇଭେଣ୍ଟରେ ଯୋଗଦେବା ପାଇଁ ପ୍ରାୟ ୫୦ ଲକ୍ଷ ପ୍ରଶଂସକ ବିଶେଷ ଭାବେ ସହର ମଧ୍ୟରେ ରହୁଥିବାରୁ ଇଭେଣ୍ଟ ପର୍ଯ୍ୟଟନ ଅହେତୁକ ଭାବେ ବୃଦ୍ଧି ପାଇଛି ।

ଡକ୍ଟର ମୁରୁଗାନ ଗଣମାଧ୍ୟମ ଓ ମନୋରଂଜନ କ୍ଷେତ୍ର ଉପରେ ପର୍ଯ୍ୟବେଶିତ ପରିସଂଖ୍ୟାନ ପୁସ୍ତିକା ୨୦୨୪-୨୫କୁ ଏହି ଅବସରରେ ଉନ୍ମୋଚନ କରିଛନ୍ତି ।

## ବୋଲ୍ଟନ୍-ପାକିସ୍ତାନ

ଆମେରିକା ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଜନ୍ ବୋଲ୍ଟନ୍ କହିଛନ୍ତି, ଯଦିଓ ଦକ୍ଷିଣ ଏସିଆରେ ବ୍ୟାପକ ସଂଘର୍ଷ କେହି ଦେଖିବାକୁ ଚାହାନ୍ତି ନାହିଁ ତେବେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଆତ୍ମରକ୍ଷା ପାଇଁ କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ଭାରତର ସମ୍ପୂର୍ଣ୍ଣ ଅଧିକାର ରହିଛି । ଜାମ୍ମୁ କାଶ୍ମୀରବାସୀଙ୍କୁ ଶାନ୍ତି ଓ ସ୍ଥିର ପରିବେଶରେ ରହିବାକୁ ବଞ୍ଚିତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ସୀମାପାରରୁ କ୍ରମାଗତ ଭାବେ ସଂଘଟିତ ଆତଙ୍କବାଦୀ

କାର୍ଯ୍ୟକଳାପ ଯୋଗୁଁ ପର୍ଯ୍ୟଟକମାନେ ଏହି ଅଞ୍ଚଳକୁ ଯିବାକୁ ବଞ୍ଚିତ ହେଉଛନ୍ତି ବୋଲି ସେ କହିଛନ୍ତି ।

## ବାଲ୍ ପୁରସ୍କାର

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ୨୦୨୫ ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛନ୍ତି । ଏହା ଏକ ପ୍ରତିଷ୍ଠିତ ଜାତୀୟସ୍ତରୀୟ ପୁରସ୍କାର, ଯାହା ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରତିବର୍ଷ ସାରା ଦେଶରେ ପିଲାମାନଙ୍କର ଅସାଧାରଣ ସଫଳତାକୁ ସ୍ୱୀକୃତି ଦେବା ପାଇଁ ପ୍ରଦାନ କରାଯାଏ । ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ଆସନ୍ତା ଜୁଲାଇ ମାସ ୩୧ ତାରିଖ । ସମସ୍ତ ନାମାଙ୍କନ ସରକାରୀ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ **awards.gov.in** ମାଧ୍ୟମରେ ଅନ୍‌ଲାଇନ୍‌ରେ ଦାଖଲ କରିବାକୁ ପଡ଼ିବ ।

## ଲଦାଖ-ସ୍ପୋର୍ଟସ୍

ଲଦାଖରେ ଯୁବକମାନଙ୍କୁ କ୍ରୀଡ଼ା ଏବଂ ସାଂସ୍କୃତିକ କ୍ଷେତ୍ରରେ ମନନିବେଶ କରିବା ପାଇଁ ଲଦାଖ ବିଶ୍ୱବିଦ୍ୟାଳୟର କାର୍ଗିଲ୍ କ୍ୟାମ୍ପସ୍‌ରେ ତିନି ଦିନିଆ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଏବଂ ଯୁବା ପର୍ବ

ଉଦ୍‌ଘାଟିତ ହୋଇଛି । କାର୍ଗିଲ୍ କ୍ୟାମ୍ପସ୍‌ସ୍ଥିତ ଶାରିରୀକ ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଶ୍ୱବିଦ୍ୟାଳୟ କୂଳପତି ପ୍ରଫେସର ସାକେତ କୁଶୱାହା ଏହି କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି, ଭବିଷ୍ୟତରେ ଏହା ପ୍ରତ୍ୟେକ ବର୍ଷ ଆୟୋଜନ କରାଯିବ । ଉଦ୍‌ଘାଟନୀ ସମାରୋହରେ ଡ୍ରୋନ୍ ଏବଂ ମିନି ଯାନ ବ୍ୟବହାର କରି ହ୍ୟାଣ୍ଡବଲ୍‌କୁ ପଡ଼ିଆକୁ ନେବା ପାଇଁ ଏକ ପ୍ରତିକାତ୍ମକ ଉପସ୍ଥାପନା କରାଯାଇଥିଲା ।

## ୟୁଏସ୍ ଆକ୍ସିଡେଣ୍ଟ

ଆମେରିକା ୟେଲୋଷ୍ଟୋନ୍ ଜାତୀୟ ଉଦ୍ୟାନ ନିକଟରେ ଏକ ପର୍ଯ୍ୟଟକ ବସ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣଙ୍କର ପ୍ରାଣହାନୀ ଘଟିଛି । ପୂର୍ବ ଇଡାହୋର୍ ରାଜପଥରେ ୧୪ ଜଣ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍, ଅପର ପକ୍ଷରୁ ଆସୁଥିବା ଏକ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା । ଏହି ଦୁର୍ଘଟଣାରେ ୮ ଜଣ ମଧ୍ୟ ଆହତ ହେବାର ସୂଚନା ମିଳିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ । ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗ୍‌ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୩୮ରନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା ।